# REGIONAL NEWS UNIT, AIR CUTTACK

## Midday Bulletin (2.32 PM)

### 23 November - 2024

*********************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଭୋଟ ଗଣତି ଜାରି ।
    - ମହାରାଷ୍ଟ୍ରରେ ଏନ୍‌ଡିଏ ସରକାର ଗଠନ କରିବ ।
    - ଝାଡ଼ଖଣ୍ଡରେ ଇଣ୍ଡିମେଣ୍ଟ ଆଗୁଆ ।
- ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ତୃତୀୟ କିସ୍ତି ଆସନ୍ତାକାଲି ହିତାଧିକାରୀଙ୍କୁ ଦିଆଯିବ ।
- ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା ସୋମବାର ଦିନ ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି ।

ଏବଂ

- ଧାର୍ମିକ ଭାବନା ଏବଂ ସଂସ୍କୃତିର ପରମ୍ପରା ନେଇ ପାଳନ ହେଉଛି ପ୍ରଥମାଷ୍ଟମୀ ।

*Desk*

# ନିର୍ବାଚନ ଫଳାଫଳ

ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ସମେତ ଦେଶର ୨ଟି ସଂସଦୀୟ କ୍ଷେତ୍ର କେରଳର ଓ୍ୱାୟନାଡ ଏବଂ ମହାରାଷ୍ଟ୍ରର ନାନ୍ଦେଡ ସମେତ ବିଭିନ୍ନ ରାଜ୍ୟର ୪୮ଟି ବିଧାନସଭା ଆସନ ପାଇଁ ହୋଇଥିବା ନିର୍ବାଚନର ଭୋଟ୍‌ଗଣତି ଜାରି ରହିଛି। ଅପରାହ୍ଣ ୨ଟା ୧୫ ସୁଦ୍ଧା ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ମହାରାଷ୍ଟ୍ରର ୨୮୮ ବିଶିଷ୍ଟ ବିଧାନସଭା ଆସନରେ ବିଜେପି ଏକାକୀ ୧୨୬ଟି ଆସନରେ ଆଗୁଆ ଅଛି। ବିଜେପିର ସହଯୋଗୀ ଦଳ ଶିବସେନା, ଏନ୍‌ସିପି ଏବଂ ଏନ୍‌ଡିଏର ସହଯୋଗୀ ଦଳମାନେ ୨୨୫ ଆସନରେ ଆଗୁଆ ଅଛନ୍ତି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ଏନ୍‌ଡିଏ ସରକାର ଗଠନ କରିବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏବଂ ତା'ର ସହଯୋଗୀ ଦଳ ଇଣ୍ଡି ମେଣ୍ଟ ୫୧ଟି ଆସନରେ ଆଗୁଆ ଥିବାବେଳେ ଏନ୍‌ଡିଏ ୩୦ଟି ଆସନରେ ଆଗୁଆ ଥିବା ଜଣାପଡ଼ିଛି। ଏହାବ୍ୟତୀତ ଓ୍ୱାୟନାଡ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧୀ ଏବଂ ନାନ୍ଦେଡରେ ବିଜେପି ପ୍ରାର୍ଥୀ ସନ୍ତୁକରାଓ ହମ୍‌ବରାଡେ ସେମାନଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବହୁ ଭୋଟରେ ଆଗରେ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ୨ ରାଜ୍ୟର ନିର୍ବାଚନ ଏବଂ ଉପନିର୍ବାଚନର ଫଳାଫଳ ସ୍ପଷ୍ଟ ହୋଇଯିବ ବୋଲି ସମ୍ଭାବନା ରହିଛି। ଇତିମଧ୍ୟରେ

ଗୃହମନ୍ତ୍ରୀ ଅମିତ ଶାହା ଟେଲିଫୋନ ମାଧ୍ୟମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଦେବେନ୍ଦ୍ର ଫଡ଼ନାବିସଙ୍କ ସହ କଥା ହୋଇଛନ୍ତି ।

ଉତ୍ତରପ୍ରଦେଶର ୯ଟି ବିଧାନସଭା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ୫ଟି ଆସନରେ ଆଗୁଆ ଥିବା ଜଣାପଡ଼ିଛି । ଉତ୍ତରାଖଣ୍ଡର ଏକମାତ୍ର ଆସନରେ ବିଜେପି ପ୍ରାର୍ଥୀ ଆଗୁଆ ଥିବା ଜଣାପଡିଛି । ବିହାରର ୪ଟି ଆସନ ମଧ୍ୟରୁ ବିଜେପି ୨ଟିରେ ଆଗୁଆ ଥିବାବେଳେ ଜେଡିୟୁ ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚାର ପ୍ରାର୍ଥୀ ଗୋଟିଏ ଲେଖାଏଁ ଆସନରେ ଆଗୁଆ ଅଛନ୍ତି । ମଧ୍ୟପ୍ରଦେଶରେ ୨ଟିଯାକ ଆସନରେ ବିଜେପି ଆଗୁଆ ରହିଛି । ଛତିଶଗଡର ଏକମାତ୍ର ଆସନରେ ବିଜେପି ଆଗୁଆଥିବା ଜଣାପଡିଛି ।

***Desk***

## ଉପ-ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାର ଆସନ୍ତାକାଲି ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ତୃତୀୟ କିସ୍ତି ମହିଳା ହିତାଧିକାରୀମାନଙ୍କୁ ବଣ୍ଟନ କରିବେ । ଗଣମାଧ୍ୟମକୁ ସୂଚନା ଦେଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ସୁଭଦ୍ରା ଯୋଜନାରୁ ବାଦ୍‌ପଡ଼ିଥିବା ୨୨ ପ୍ରତିଶତ ହିତାଧିକାରୀଙ୍କୁ ଆସନ୍ତାକାଲି ସୁଭଦ୍ରା ଟଙ୍କା ଦିଆଯିବ । ଯୋଜନାରୁ ବାଦ୍‌ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ଆବେଦନକୁ ପୁନଃ ଯାଞ୍ଚ କରାଯାଇ ଯୋଜନାର ଅର୍ଥରାଶି ଦେବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

# - V/O –

*Desk*

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର୍ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ମନ୍ କି ବାତ୍‌ର ଭାଷାନ୍ତର ପୁଣିଥରେ ଆସନ୍ତାକାଲି ରାତି ୮ଟାରେ ପ୍ରସାରଣ କରାଯିବ।

*Desk*

## ପିଏମ୍-କୁଇଜ୍

'ଭାରତକୁ ଜାଣନ୍ତୁ' କୁଇଜ୍ ପ୍ରତିଯୋଗିତାରେ ଭାଗନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଏବଂ ଅନ୍ୟ ଦେଶର ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ପ୍ରଧାନମନ୍ତ୍ରୀ କହିଛନ୍ତି ଏହି କୁଇଜ୍ ପ୍ରତିଯୋଗିତା ବିଶ୍ୱବ୍ୟାପୀ ଭାରତୀୟଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ । ଦେଶର ସମୃଦ୍ଧ ଐତିହ୍ୟ ଏବଂ ସଂସ୍କୃତିକୁ ପୁନଃ ଆବିଷ୍କାର କରିବାର ଏହା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରତିଯୋଗିତାର ବିଜେତା ଭାରତର ବୈଭବ ନେଇ ଶ୍ରେଷ୍ଠ ଅନୁଭୂତି ହାସଲ କରିବାର ସୁଯୋଗ ପାଇବେ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

***Desk***

## ବିଧାନସଭା ଶୀତକାଳୀନ ଅଧିବେଶନ

ବିଧାନସଭା ଶୀତକାଳୀନ ଅଧିବେଶନ ଆସନ୍ତା ୨୬ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍‌କୁ ମନ୍ତ୍ରୀପରିଷଦର ଅନୁମୋଦନ ମିଳିବାର ସମ୍ଭାବନା ଅଛି। ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ। ଡିସେମ୍ବର ୫ ତାରିଖରେ ପ୍ରଥମ ଅତିରିକ୍ତ ବଜେଟ୍ ଉପରେ ବ୍ୟୟ ମଞ୍ଜୁରି ବିଲ୍ ଉପସ୍ଥାପନ ହେବ । ସୂଚନାଯୋଗ୍ୟ ବିଧାନସଭାର ଶୀତକାଳୀନ ଅଧିବେଶନ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଛି। ଏହାକୁ

ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ୨୫ ତାରିଖ ସୋମବାର ଦିନ ସର୍ବଦଳୀୟ ବୈଠକ ଡାକିଛନ୍ତି ।

**- V/O –**

***Sambalpur***

## ରାଜସ୍ୱମନ୍ତ୍ରୀଙ୍କ ବୈଠକ

ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁରଠାରେ ଖରିଫ ଧାନକିଣା କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀମାନଙ୍କ ସହ ବୈଠକ କରି ସମୀକ୍ଷା କରିଛନ୍ତି ।

**- V/O -**

ସମ୍ବଲପୁରଠାରେ ସମୀକ୍ଷା ବୈଠକ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ ବରେଇପାଲ୍ଲୀ ମଣ୍ଡି ବୁଲି ଦେଖିବା ସହିତ ଧାନ ବିକିବା ପାଇଁ ମଣ୍ଡିରେ ହୋଇଥିବା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ । ସୂଚନାଯୋଗ୍ୟ ଜିଲ୍ଲାରେ ଗତକାଲିଠାରୁ ଧାନକିଣା ଆରମ୍ଭ ହୋଇଛି ।

***Puri***

## ପ୍ରଥମାଷ୍ଟମୀ ପାଳନ

ମାର୍ଗଶୀର ମାସ ଆଜି କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପ୍ରଥମାଷ୍ଟମୀ ପାଳନ କରାଯାଉଛି । ଓଡ଼ିଶାର ଏହା ଏକ ପାରମ୍ପରିକ ପର୍ବ । ଏହାକୁ ମଧ୍ୟ ସୌଭାଗିନୀ ଅଷ୍ଟମୀ, କାଳଭୈରବାଷ୍ଟମୀ ବା ପାପନାଶିନୀ ଅଷ୍ଟମୀ କୁହାଯାଇଥାଏ । ପରମ୍ପରା ଅନୁଯାୟୀ ଏହି

ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖସମୃଦ୍ଧି ଓ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ। ରାଜ୍ୟପାଳ ରଘୁବର ଦାଶ ଓଡ଼ିଶାବାସୀଙ୍କୁ ପ୍ରଥମାଷ୍ଟମୀର ଶୁଭକାମନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ବଡ଼ଠାକୁର ପ୍ରଭୁ ଶ୍ରୀବଳଭଦ୍ରଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ ବୋଲି କହିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମାଷ୍ଟମୀ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଥମାଷ୍ଟମୀ ଉପଲକ୍ଷେ ଆଜି ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସରିବା ପରେ ତିନିବାଡରେ ମଇଲମ କରାଯାଇ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ମହାସ୍ନାନ ନୀତି କରାଯାଉଛି। ଏହାପରେ ପାଳିଆ ପୁଷ୍ପାଳକ' ଶ୍ରୀବିଗ୍ରହମାନଙ୍କୁ ନୂଆ ଲୁଗା ଲାଗିକରାଇଥିବା ବେଳେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସେବକ' ଘଟୁଆରୀ ଚନ୍ଦନ ଘରଠାରୁ ଚନ୍ଦନବିଜେ କରି ତିନିବାଡରେ ଲାଗି କରିଛନ୍ତି। ପ୍ରାୟ ଅପରାହ୍ଣ ୩ଟା ସମୟରେ ଶ୍ରୀବିଗ୍ରହମାନଙ୍କୁ ବେଶ ଓ ଅଳଙ୍କାରରେ ବିମଣ୍ଡିତ ହୋଇ କର୍ପୂରଲାଗି କରାଯିବ। ଏହାପରେ ମଧ୍ୟାହ୍ନ ଧୂପ ଉଠିସାରିବା ପରେ ତିନିବାଡ଼ରେ ମଙ୍ଗଳା ଅର୍ପଣ ନୀତି ହେବାସହ ଫୁଲୁପୁରିଆ ଖାଦି ଓ ଛେଦା ପ୍ରସାଦ ଲାଗିହେବ।

***Bhadrak***

## ଦକ୍ଷତା ବିକାଶ ମିଶନ ବୈଠକ

ଭଦ୍ରକଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ନୂଆ ଓଡ଼ିଶା ଯୋଜନା ଅନ୍ତର୍ଭୁକ୍ତ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ବୈଷୟିକ ଜ୍ଞାନ ପ୍ରତି ଯୁବାବର୍ଗ କିପରି ଅଧିକ ସଂଖ୍ୟାରେ ଆକୃଷ୍ଟ ହୋଇ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା ।

***Kendujhar***

## ହାତୀଛୁଆ ଜଙ୍ଗଲକୁ ସ୍ଥାନାନ୍ତର

କେନ୍ଦୁଝର ବନବିଭାଗ କର୍ମଚାରୀଙ୍କ ଦ୍ୱାରା ଏକ ହାତୀଛୁଆକୁ ଆଜି ଚନ୍ଦକା ଜଙ୍ଗଲକୁ ସ୍ଥାନାନ୍ତର କରାଯାଇଛି । କେନ୍ଦୁଝର ସଦର ରେଞ୍ଜ ଜଗଦଲା ଡ୍ୟାମ୍ ନିକଟରୁ ଏହି ହାତୀଛୁଆଟି ଗତ ୧ ତାରିଖରେ ଉଦ୍ଧାର କରାଯାଇଥିଲା । ମା' ହାତୀ ନିଜ ଛୁଆକୁ ଗ୍ରହଣ ନ କରିବାରୁ ବନବିଭାଗ ପକ୍ଷରୁ ହାତୀଛୁଆକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

***Boudh***

## ମାଓ ସାମଗ୍ରୀ ଜବତ

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ ବାହାବଲଖୋଲ ସଂରକ୍ଷିତ ଜଙ୍ଗଲରୁ ପୋଲିସ୍, ଏସ୍ଓଜି, ଡିଭିଏଫ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ପକ୍ଷରୁ ମିଳିତ ଭାବରେ ଚଢ଼ାଉ କରାଯାଇ ବହୁ ପରିମାଣର ମାଓ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି । ଜଙ୍ଗଲରେ ମାଓବାଦୀ କ୍ୟାମ୍ପ

ସମ୍ପର୍କରେ ପୋଲିସ୍‌କୁ ସୂଚନା ମିଳିବା ପରେ ସେହି ଅଞ୍ଚଳରେ କମ୍ବିଂ ଅପରେସନ୍ କରାଯାଇଥିଲା। ଜବତ ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ୭ଟି ଡିଟୋନେଟର, ଓ୍ୱାକିଟକି, ସେଫ୍‌ଟି ଫ୍ୟୁଜ୍ ସାମଗ୍ରୀ ଆଦି ରହିଛି।

*Desk*

## ପାଣିପାଗ

ରାଜ୍ୟର ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ହ୍ରାସ ପାଇବା ସହ କେତେକ ଅଞ୍ଚଳରେ କୁହୁଡ଼ି ପରିଲକ୍ଷିତ ହୋଇଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ସୂଚନା ଦିଆଯାଇଛି। ଗତକାଲି ଜି. ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଣ୍ଟିଗ୍ରେଡ ରେକର୍ଡ କରାଯାଇଛି।